# SAMPLE QUESTION PAPER - 2019
# CLASS – XII
# ODIA (113)

***Time Allowed: 3 hours*** | ***Maximum Marks: 100***

ସୂଚନା– ଏହି ପ୍ରଶ୍ନପତ୍ରରେ ଚାରିଗୋଟି ବିଭାଗ ରହିଛି ।

| | | | | |
|---|---|---|---|---|
| (କ) | ପଠନ | – | Reading | = 10 Marks |
| (ଖ) | ଲିଖନ | – | Writing | = 15 Marks |
| (ଗ) | ବ୍ୟାକରଣ | – | Grammar | = 20 Marks |
| (ଘ) | ସାହିତ୍ୟ | – | Literature | = 55 Marks |

ନିର୍ଦ୍ଦେଶାନୁଯାୟୀ ପ୍ରଶ୍ନ ଗୁଡ଼ିକର ଉତ୍ତର ଦିଅ ।

## 'କ' ବିଭାଗ

1. ଅନୁଚ୍ଛେଦଟି ପଢି ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ । (2x5=10)

ଆଦି ଶଙ୍କରାଚାର୍ଯ୍ୟ ଭାରତରେ ଚାରିଧାମ ପ୍ରତିଷ୍ଠା କରିଥିଲେ । ଉତ୍ତରରେ ବଦ୍ରିକାସ୍ଥିତ ଯୋଶି ମଠ, ଦକ୍ଷିଣରେ ଶୃଙ୍ଗେରୀ ମଠ, ପଶ୍ଚିମରେ ଦ୍ୱାରକାସ୍ଥିତ ଶାରଦା ମଠ ଏବଂ ପୂର୍ବରେ ପୁରୀସ୍ଥିତ ଗୋବର୍ଦ୍ଧନ ମଠ । ଏହି ଚାରିଧାମ ମଧ୍ୟରୁ ପୁରୀ ନୀଳାଚଳଧାମ ହେଉଛି ଶ୍ରେଷ୍ଠ ଧାମ । ଏଠାରେ ଜଗତର ନାଥ ଶ୍ରୀଜଗନ୍ନାଥ ବିଜେ କରିଛନ୍ତି । ପ୍ରଭୁ ହେଉଛନ୍ତି ଉତ୍କଳର ରାଷ୍ଟ୍ର ଦେବତା । ଜଗନ୍ନାଥ ସର୍ବଧର୍ମର ସମନ୍ୱୟ । ରଥଯାତ୍ରାରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଭକ୍ତ ଓ ଭଗବାନଙ୍କର ମିଳନ ହୁଏ । ବଡ଼ଦାଣ୍ଡରେ ବିଦେଶୀ – ସ୍ୱଦେଶୀ, ଧନୀ – ଦରିଦ୍ର, ବ୍ରାହ୍ମଣ – ଚଣ୍ଡାଳ ସମସ୍ତ ହୋଇ ଯାଆନ୍ତି ଏକାକାର । ଉତ୍କଳର ଆରାଧ୍ୟ ଦେବତା ଜଗାକାଳିଆ ହେଉଛନ୍ତି ରହସ୍ୟମୟ ଠାକୁର । ସେ ସବୁବେଳେ ପ୍ରାଚୀନ କିନ୍ତୁ ସବୁବେଳେ ନୂତନ । ସେ ହେଉଛନ୍ତି ଭାବର ଠାକୁର, ଭକ୍ତିର ଠାକୁର ଓ ଭକ୍ତର ଏକାନ୍ତ ନିଜର । ଭକ୍ତର ଭାବ ଗ୍ରହଣ କରି ସେ ଭାବ ବିନୋଦିଆ । ସାଧାରଣ ଭକ୍ତ ପାଇଁ ସେ ଭକ୍ତ ବତ୍ସଳ, ସଖା ସହୋଦର, ବନ୍ଧୁ ସବୁ କିଛି । ଭକ୍ତର ଏକାନ୍ତ ଠାକୁର ହେଉଛନ୍ତି ଦାରୁବ୍ରହ୍ମ ଜଗନ୍ନାଥ । ଭକ୍ତ ହେଉଛି ଜଗନ୍ନାଥଙ୍କର ପ୍ରିୟ । ଅଲୌକିକ ତାଙ୍କର ଲୀଳାଖେଳା । ଯୁଗେ ଯୁଗେ ସେ ଭକ୍ତ ଭାବରେ ବନ୍ଧା ହୋଇ ରହିଛନ୍ତି । ତେଣୁ ତାଙ୍କର ଅନ୍ୟନାମ ଭାବଗ୍ରାହୀ ।

– ପ୍ରଶ୍ନାବଳୀ –

(କ) ଶ୍ରୀଜଗନ୍ନାଥଙ୍କର ଏକନାମ ଭାବଗ୍ରାହୀ ହୋଇଛି କାହିଁକି ?

(ଖ) ରଥଯାତ୍ରା ଅବସରରେ ଆମେ କ'ଣ ଦେଖିବାକୁ ପାଉ ?

(ଗ) ଭାରତବର୍ଷରେ ଚାରିଧାମର ପ୍ରତିଷ୍ଠାତା କିଏ ?

(ଘ) ଚାରିଧାମ ମଧ୍ୟରୁ କେଉଁଧାମ ସର୍ବଶ୍ରେଷ୍ଠ ?

(ଙ) ସାଧାରଣ ଭକ୍ତ ନିମନ୍ତେ ଶ୍ରୀଜଗନ୍ନାଥ କିପରି ?

## 'ଖ' ବିଭାଗ

2. ଗୋଟିଏ ବିଷୟରେ ପ୍ରବନ୍ଧ ଲେଖ । (8)

(କ) ଉତ୍କଳର ପ୍ରାଚୀନ କୀର୍ତ୍ତି

(ଖ) ଦେଶ ଗଠନରେ ଛାତ୍ରର ଭୂମିକା

(ଗ) ବେକାର ସମସ୍ୟା ଓ ଏହାର ଦୂରୀକରଣ

3. ଏବର୍ଷର ଅତ୍ୟଧିକ ବର୍ଷାରେ ତୁମ ଅଞ୍ଚଳର ରାସ୍ତାଘାଟ ସଂପୂର୍ଣ୍ଣ ଧୋଇହୋଇ ଯାଇଛି । ଏସବୁର ତୁରନ୍ତ ମରାମତି କରିବାକୁ ଅନୁରୋଧ କରି ମହାନଗର ନିଗମ ଅଧିକାରୀଙ୍କୁ ଏକ ଦରଖାସ୍ତ ଲେଖ । (7)

କିମ୍ୱା

ତୁମ ଅଞ୍ଚଳରେ ବ୍ୟାପିଥିବା ମ୍ୟାଲେରିଆ ରୋଗର ପ୍ରତିକାର ନିମନ୍ତେ ଜିଲ୍ଲା ଚିକିତ୍ସା ଅଧିକାରୀଙ୍କୁ ଏକ ନିବେଦନ ପତ୍ର ଲେଖ ।

## 'ଗ' ବିଭାଗ

4. (କ) ବିପରୀତାର୍ଥବୋଧକ ଶବ୍ଦ ଲେଖ । (୫ଟିର) (5)

ଶୂନ୍ୟ, ଆଦାନ, ଉଦୟ, ପ୍ରାଚୀନ, ପୁରସ୍କାର, ଲୋଭୀ, ଆୟତ୍ତ

(ଖ) ଅର୍ଥଗତ ପାର୍ଥକ୍ୟ ଦର୍ଶାଅ । (୫ଟିର) (5)

ମଠ-ମଠ, କର-କର, ନିତି-ନୀତି, ସୁଧା-ସୁଦ୍ଧା, ଅବୀର-ଅବିର, ମତ-ମତ୍ତ, ଶିଳ-ଶୀଳ

5. (କ) ଭ୍ରମ ସଂଶୋଧନ କର । (୫ଟିର) (5)

ଲଜ୍ୟା, ଅନୁକୁଳ, ମହତ୍ୱ, କୃତିବାସ, ଦାରିଦ୍ରତା, ଦୂରିକରଣ, ପ୍ରଣତୀ

(ଖ) ଏକପଦରେ ପ୍ରକାଶ କର । (୫ଟିର) (5)

କଣ୍ଠ ପର୍ଯ୍ୟନ୍ତ, ଯେ ସୃଷ୍ଟି କରନ୍ତି, ଜୀବନ ଥିବା ପର୍ଯ୍ୟନ୍ତ, ନାହିଁ ଧନ ଯାହାର, ଅଶ୍ୱ ଆରୋହଣ କରେ ଯେ, ବସୁଦେବଙ୍କ ପୁତ୍ର, ନାହିଁ ଆକାର ଯାହାର, ।

## 'ଘ' ବିଭାଗ

6. 'ପୁଷ୍ପପୁରରେ ବର୍ଷାବରଣ' ପ୍ରବନ୍ଧରୁ ପ୍ରାବନ୍ଧିକଙ୍କର ନିଜ ଜନ୍ମଭୂମି ପ୍ରତି ଆପଣାର ଭାବ ସଂପର୍କରେ ଆଲୋଚନା କର । (8)

କିମ୍ୱା

ଶିକ୍ଷା ବ୍ୟବସ୍ଥା ସଂପର୍କରେ ପ୍ରାବନ୍ଧିକଙ୍କ ପ୍ରତିକ୍ରିୟା – 'ସ୍ୱାଧୀନ ଦେଶର ଶିକ୍ଷା ଚିନ୍ତା' ପ୍ରବନ୍ଧରେ କିପରି ପ୍ରତିଫଳିତ ହୋଇଛି, ଆଲୋଚନା କର ।

7. ସପ୍ରସଙ୍ଗ ସରଳାର୍ଥ ଲେଖ । (ଗୋଟିଏ) (5)

(i) ମନୁଷ୍ୟ ଯେତିକି ଅଗ୍ରସର ହେବ, ଆଦର୍ଶ ସେତିକି ଉନ୍ନତତର ଆକାର ଧାରଣ କରି ତାହାର ସମ୍ମୁଖରେ ଉପସ୍ଥିତ ହେବ ।

(ii) କଥାରେ କହନ୍ତି, ଯିଏ ଯେଉଁ ଶାସନ ପାଇଁ ଉପଯୁକ୍ତ, ସେ ସେଇୟାହିଁ ପାଏ । ତେଣୁ ଆଜି ଆମର ଏ ଅବସ୍ଥା ପାଇଁ ଆମେ ନିଜେହିଁ ଦାୟୀ ।

8. ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ଦିଅ । (୩ଟିର) (2x3=6)

(କ) ମନୁଷ୍ୟତ୍ୱର ବିଶେଷ ଲକ୍ଷଣ କ'ଣ ?

(ଖ) 'ସୁଜଳା ସୁଫଳା ଶସ୍ୟଶ୍ୟାମଳା' ଉତ୍କଳ ଭୂମିର ଅବସ୍ଥା ଆଜି କିପରି ହୋଇଛି ?

(ଗ) ଗଣତନ୍ତ୍ର ଶାସନ କହିଲେ କ'ଣ ବୁଝାଏ ?

(ଘ) ଯେଉଁଠି ଶିକ୍ଷିତ ଭୋଟଦାତାମାନେ ଉଦାସୀନ ସେଠାରେ କ'ଣ ହେବ ?

(ଙ) ବାରିବାହର ଆଗମନ ପରେ ପୁଷ୍ପପୁର କିପରି ହୋଇ ଉଠିବ ?

9. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛିଲେଖ । (1x4=4)

(କ) ସମାଜର ସମସ୍ତ ବ୍ୟାପାର କାହାର ଅନ୍ତର୍ଭୁକ୍ତ ?

(i) ଇତିହାସ (ii) ପୁରାଣ (iii) ବିଜ୍ଞାନ (iv) ଦର୍ଶନ

(ଖ) ବ୍ୟକ୍ତିଠାରୁ କିଏ ବଡ଼ବୋଲି ଲେଖକ ଘନକୁ ପ୍ରଶ୍ନ କରିଛନ୍ତି ?

(i) ଗୋଷ୍ଠୀ (ii) ମଣିଷ (iii) ପଶୁ (iv) ପକ୍ଷୀ

(ଗ) କେଉଁ ଶାସନରେ ପ୍ରଭୁ କିମ୍ବା ଦାସ, ଶୋଷକ କିମ୍ବା ଶୋଷିତର କଳ୍ପନା କରାଯାଇ ନପାରେ ?

(i) ସମଷ୍ଟିଗତ (ii) ବ୍ୟକ୍ତିଗତ (iii) ଗଣତନ୍ତ୍ର (iv) ସ୍ୱାଧୀନ

(ଘ) ଲେଖକ ଆଜିକାଲିର ଯୁଗକୁ କେଉଁ ଯୁଗବୋଲି କହିଛନ୍ତି ?

(i) ବିଜ୍ଞାନଯୁଗ (ii) ଉନ୍ନୟନଯୁଗ (iii) ଯୋଜନାଯୁଗ (iv) ବିଶେଷଜ୍ଞଯୁଗ

10. 'ତପସ୍ୱିନୀର ପତ୍ର' କବିତାରେ ସୀତାଙ୍କ ନାରୀ ମନସ୍ତତ୍ତ୍ୱ କିପରି ପ୍ରତିଫଳିତ ଆଲୋଚନା କର । (7)

**କିମ୍ବା**

'ବନ୍ଦୀର ବିରହ ବ୍ୟଥା' କବିତାରୁ କବି ଗୋପବନ୍ଧୁଙ୍କ ପ୍ରକୃତି ପ୍ରୀତି ଓ ସ୍ୱଦେଶ ପ୍ରୀତିର ପରିଚୟ ପ୍ରଦାନ କର ।

11. ସପ୍ରସଙ୍ଗ ସରଳାର୍ଥ ଲେଖ । (ଗୋଟିଏ) (5)

(i) ବଡ଼ପଣ ସେହି, ଅନ୍ତେ ସୁଦ୍ଧା ଯାର,
ସୌରଭେ ଚହଟୁ ଥାଏଏ ସଂସାର ।

(ii) ଲଭ ତହୁଁ ଜ୍ଞାନ-ରଶ୍ମି, ବୁଝ ଆଜି ମୂଢ଼
କାରଣ କେ ସେହି ପୀଡ଼ନର
ତାହାରି ଉଚ୍ଛେଦ କର କରରେ ନିର୍ମୂଳ
ଶ୍ୟେନ ପରି ନିଅ ପ୍ରତିଶୋଧ ।

12. ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ଦିଅ । (୩ଟିର) (2x3=6)

(କ) ''ଅଚିରେ ଫେରିବି ଧନି ! ନୁହ କାତର''- କିଏ କାହାକୁ କହିଛନ୍ତି?

(ଖ) କବି ଭସ୍ମ ମଧ୍ୟରୁ କି ଦୀକ୍ଷା ଗ୍ରହଣ କରିବାକୁ କହିଛନ୍ତି ?

(ଗ) ସୀତା ରାମଚନ୍ଦ୍ରଙ୍କଠାରୁ କେଉଁ ମନ୍ତ୍ର ଜାଣିବାକୁ ଚାହୁଁଥିଲେ ?

(ଘ) ଆଲେକ୍‌ଜାଣ୍ଡାରଙ୍କର ଶେଷ ଇଚ୍ଛା କ'ଣ ଥିଲା ?

(ଙ) 'ନଜାଣନ୍ତୁ ଜନ୍ମକାଳୁ ପିତୃ ଅନୁରାଗ' କାହା ପ୍ରସଙ୍ଗରେ କୁହାଯାଇଛି ?

13. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛିଲେଖ । (1x4=4)

(କ) ଭଙ୍ଗା ମାଠିଆରୁ ପାଣି ବୋହିଯିବାପରି ମଣିଷ ଜୀବନରୁ କ'ଣ ସରିଯାଏ ?

(i) ବଳ (ii) ଆୟୁ (iii) ଧନ (iv) ଯୌବନ

(ଖ) ତାପସଙ୍କ ଅଶାନ୍ତି-ନାଶକବୋଲି କାହାକୁ କୁହାଯାଇଛି ?

(i) ରାମଚନ୍ଦ୍ର (ii) ରାବଣ (iii) ସୀତା (iv) ବାଲ୍ମୀକି

(ଗ) ଯମଦୂତବୋଲି କବି କାହାକୁ କହିଛନ୍ତି ?

(i) ଜେଲ୍‌ର ସିପାହୀଙ୍କୁ (ii) ସହବନ୍ଦୀଙ୍କୁ

(iii) ଇଂରେଜ ଶାସକଙ୍କୁ (iv) ଗଡ଼ଜାତ ରାଜାଙ୍କୁ

(ଘ) ପିଙ୍ଗଳା କିଏ ?

(i) ପଲ୍ଲିବଧୂ (ii) କୁଳବଧୂ (iii) ବାରବଧୂ (iv) ନବବଧୂ

୧୪. ଯେ କୌଣସି ଦୁଇଟି ପ୍ରଶ୍ନର ଉତ୍ତର ନିଜ ଭାଷାରେ ଲେଖ । (5x2=10)

(i) 'ସଭ୍ୟ ଜମିଦାର' ଗଳ୍ପ ଆଧାରରେ ଗୋପାଳର ଚରିତ୍ର ଚିତ୍ରଣ କର ।

(ii) 'ପତାକା ଉତ୍ତୋଳନ' ଗଳ୍ପ ଆଧାରରେ ସ୍ୱାଧୀନତା ଆନ୍ଦୋଳନରେ ଅରୁଣର ଭୂମିକା ନିର୍ଣ୍ଣୟ କର ।

(iii) ମାଷ୍ଟରଜୀଙ୍କ ସହ ଅଶୋକଙ୍କ ସାକ୍ଷାତର ଏକ ବିବରଣୀ ଦିଅ ।

(iv) କଚ୍ଛପ ମାଂସ ଭକ୍ଷଣ କରିବାକୁ କିଏ କିପରି ଆଗ୍ରହ ପ୍ରକାଶ କରିଥିଲେ – ଦର୍ଶାଅ ।

***